# ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, କରଞ୍ଜିଆ

ୱାର୍ଡ ନଂ. ୧୪ , ଅଙ୍କୁରା , ପୋ: ଅ:-କରଞ୍ଜିଆ ଜି:ମୟୂରଭଞ୍ଜ ପି:-୭୫୭୦୩୭

ବିଜ୍ଞାପନ ସଂଖ୍ୟା :...୧୭୬...... ତା.୨୮/୦୩/୨୦୨୩.. ରିଖ

ଏତଦ୍ଵାରା ନିୟନ୍ତ୍ରିତ ବଜାର କମିଟି, କରଞ୍ଜିଆ ତଥା ପାଞ୍ଚପୀଢ଼ ଉପଖଣ୍ଡ ଅଞ୍ଚଳର ସମସ୍ତ ଚାଷୀ, କୃଷିଜାତ ଦ୍ରବ୍ୟର ବ୍ୟବସାୟୀ ଓ କୃଷିଭିତ୍ତିକ ଦ୍ରବ୍ୟର ବ୍ୟବସାୟୀ ଏବଂ ସର୍ବ ସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି କି, କରଞ୍ଜିଆ ନିୟନ୍ତ୍ରିତ ବଜାର କମିଟିର ଦୋକାନ ଗୃହ (ବିପଣନ ଗୃହ) ଆବଣ୍ଟନ ପାଇଁ ନିମ୍ନଲିଖିତ ସର୍ତ୍ତାବଳୀ ମୁତାବକ ଭଡ଼ା ସୂତ୍ରରେ ଆବଣ୍ଟନ କରିବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏଣୁ ଯେଉଁ ଚାଷୀ, କୃଷିଜାତ ଦ୍ରବ୍ୟର ବ୍ୟବସାୟୀ ଓ କୃଷିଭିତ୍ତିକ ଦ୍ରବ୍ୟର ବ୍ୟବସାୟୀମାନେ ଉକ୍ତ ଦୋକାନ ଗୃହମାନଙ୍କରେ କୃଷିଜାତ ଦ୍ରବ୍ୟ ଓ କୃଷିଭିତ୍ତିକ ଦ୍ରବ୍ୟର (ସାର, ଲୁଣ, ଶୁଖୁଆ, ମହୁଲ, ସିମେଣ୍ଟ, ଗୋଳାବାରୁଦ,ମାଦକଦ୍ରବ୍ୟ ବ୍ୟତୀତ) ବ୍ୟବସାୟ କରିବାକୁ ଇଚ୍ଛୁକ ଅଟନ୍ତି, ସେମାନେ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, କରଞ୍ଜିଆ ଠିକଣାରେ ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ମୁଦ୍ରା ଲଫାପାରେ ରେଜେଷ୍ଟ୍ରି ଡାକ/କ୍ଷିପ୍ରଡାକ ମାଧ୍ୟମରେ ଆବେଦନ କରିପାରିବେ । ନିୟନ୍ତ୍ରିତ ବଜାର କମିଟି କରଞ୍ଜିଆ କାର୍ଯ୍ୟାଳୟ ଠାରେ ପ୍ରତ୍ୟେକ କାର୍ଯ୍ୟ ଦିବସରେ ଦରଖାସ୍ତ ଫର୍ମ ବିକ୍ରି ଆରମ୍ଭ ତା.୦୩।୦୪।୨୦୨୩ ରିଖ ଠାରୁ ତା.୧୮।୦୪।୨୦୨୩ ରିଖ ଅପରାହ୍ନ ୦୫.୦୦ ଘଟିକା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଅଛି । ଦରଖାସ୍ତ ଫର୍ମ ଗୁଡ଼ିକ ତା.୦୩।୦୪।୨୦୨୩ ରିଖ ଠାରୁ ତା.୧୮।୦୪।୨୦୨୩ ରିଖ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ଡାକ ଯୋଗେ ଗ୍ରହଣ କରାଯିବ । ଧାର୍ଯ୍ୟ ତାରିଖ ସମୟ ପରେ ଡାକ ଯୋଗେ ଆସିଥିବା କୌଣସି ଦରଖାସ୍ତକୁ ଗ୍ରହଣ କରାଯିବ ନାହିଁ ।

**ଭଡା ସୂତ୍ରରେ ଲାଗିବାକୁ ଥିବା ଦୋକାନ ଗୃହ ପ୍ରତି ଅମାନତ ରାଶି ଓ ମାସିକ ଭଡା ନିମ୍ନ ପ୍ରକାରେ ଧାର୍ଯ୍ୟ କରାଯାଇଅଛି ।**

| କ୍ରମିକ ସଂଖ୍ୟା | ବର୍ଗ | ସ୍ଥାନ | ଅମାନତ ରାଶି | ମାସିକ ଭଡ଼ା |
|---|---|---|---|---|
| ୦୧ | ଦୋକାନ ଗୃହ (ତଳ ମହଲା) | କରଞ୍ଜିଆ | ଟ.୫୦,୦୦୦/- | ଟ.୨,୦୦୦/- |
| ୦୨ | ଦୋକାନ ଗୃହ(ଉପର ମହଲା) | କରଞ୍ଜିଆ | ଟ.୫୦,୦୦୦/- | ଟ.୧,୫୦୦/- |

୧. ଉକ୍ତ ଦୋକାନ ଘର ଗୁଡ଼ିକ ଆବଣ୍ଟନରେ କେବଳ କରଞ୍ଜିଆ ଉପଖଣ୍ଡର ଚାଷୀ, କୃଷିଜାତ ଦ୍ରବ୍ୟର ବ୍ୟବସାୟୀ ଓ କୃଷିଭିତ୍ତିକ ଦ୍ରବ୍ୟର ବ୍ୟବସାୟୀ ମାନଙ୍କୁ ଅଗ୍ରାଧିକାର ଦିଆଯିବ ।

୨.ଦୋକାନ ଗୃହ ଆବଣ୍ଟନ ରେ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ଆବଶ୍ୟକ ସ୍ଥଳେ ଆବେଦନ କାରୀଙ୍କ ଉପସ୍ଥିତିରେ Lottery ମାଧ୍ୟମରେ ଚୟନ କରାଯିବ ।

୩.ଆବଣ୍ଟନ ପାଇଁ ଆବେଦନ କରୁଥିବା ବ୍ୟକ୍ତି / ମହିଳା ସ୍ୱୟଂ ସହାୟକ ଗୋଷ୍ଠିର ମହାସଂଘ/ନିୟନ୍ତ୍ରିତ ବଜାର କମିଟି କରଞ୍ଜିଆରେ ପଞ୍ଜିକୃତ ହୋଇଥିବା ବୈଧ (valid) ବ୍ୟବସାୟୀମାନେ କେଉଁ ପ୍ରକାର ବ୍ୟବସାୟ କରିବେ ତାହା ଆବେଦନ ଫର୍ମରେ ଦର୍ଶାଇବେ ।

Cont.....P/2/

Scanned with OKEN Scanner

୪.୨୪ଗୋଟି ଦୋକାନ ଗୃହ ମଧ୍ୟରୁ ୨(ଦୁଇ) ଗୋଟି ଦୋକାନ ଗୃହ ସ୍ୱୟଂ ସହାୟକ ଗୋଷ୍ଠିର ମହାସଂଘ ମାନଙ୍କ ପାଇଁ ଏବଂ ୨(ଦୁଇ) ଗୋଟି ଦୋକାନ ଗୃହ ନିୟନ୍ତ୍ରିତ ବଜାର କମିଟି କରଞ୍ଜିଆରେ ପଞ୍ଜିକୃତ ହୋଇଥିବା ବୈଧ (valid) ବ୍ୟବସାୟୀଙ୍କ ନିମନ୍ତେ ସଂରକ୍ଷିତ ଅଟେ । ଚିହ୍ନଟ ପ୍ରମାଣ ପତ୍ର ବାବଦରେ ସ୍ୱୟଂ ସହାୟକ ଗୋଷ୍ଠିର ମହାସଂଘମାନେ NAC/Blockରୁ ପ୍ରାପ୍ତ ପଞ୍ଜୀକୃତ ପ୍ରମାଣ ପାତ୍ର (Registration Certificate) ସେହିପରି ଦୋକାନ ଗୃହ ପାଇଁ ଇଚ୍ଛୁକ ନିୟନ୍ତ୍ରିତ ବଜାର କମିଟିରେ ପଞ୍ଜୀକୃତ ହୋଇଥିବା ବୈଧ(Valid) ବ୍ୟବସାୟୀ ମାନେ ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି କରଞ୍ଜିଆ ଠାରୁ NOC ସଂଗ୍ରହ କରି ଆବେଦନ ଫର୍ମ ସହିତ ଦାଖଲ କରିବେ ।

୫.ଦରଖାସ୍ତ ଫର୍ମ ସହିତ ଚିହ୍ନଟ ପ୍ରମାଣ ପତ୍ର ବାବଦରେ ଭୋଟର ପରିଚୟ ପତ୍ର (Voter ID), ଆଧାର କାର୍ଡ, ଚାଷ ଜମିର ପଟ୍ଟା (ROR) /ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ କରିଥିବା ପଞ୍ଜିକୃତ ନମ୍ବରର ଏକ କିତା ନକଲ କପି ଦାଖଲ କରିବେ ।ଆବେଦନ କାରୀଙ୍କ ନାମରେ ଜମି ପଟ୍ଟା ନ ଥିଲେ ପୂର୍ବ ପୁରୁଷଙ୍କ ନାମର ପଟ୍ଟା ସହ ବଂଶାନୁକ୍ରମିକ (Genealogy) ଉତ୍ତରାଧିକାରୀ ଭାବେ ସତ୍ୟପାଠ (Affidavit) ଦାଖଲ କରିବେ ।

୬. ଆବେଦନ କରିବାକୁ ଚାହୁଁ ଥିବା ବ୍ୟକ୍ତି ବିଶେଷ ଆବେଦନ ଫର୍ମର ମୂଲ୍ୟ ଟ.୫୦୦/-(ପାଞ୍ଚ ଶହ) ଟଙ୍କା ନିୟନ୍ତ୍ରିତ ବଜାର କମିଟି କରଞ୍ଜିଆ ଙ୍କ କାର୍ଯ୍ୟାଳୟରେ ନଗଦ ଆକାରରେ ଦାଖଲ କରି ଫର୍ମ ପାଇପାରିବେ ।

୭.ଆବେଦନ କରିବା ପାଇଁ ଯେଉଁ ମାନେ ଆବେଦନ ଫର୍ମ କ୍ରୟ କରିବାକୁ ଚାହୁଁ ଛନ୍ତି ସେମାନେ ନିୟନ୍ତ୍ରିତ ବଜାର କମିଟି କରଞ୍ଜିଆ ସମ୍ପାଦକଙ୍କୁ ଏକ ଦରଖାସ୍ତ ନିଜେ ସ୍ୱାକ୍ଷର କରି ନିଜେ କିମ୍ବା ନିଜର ପ୍ରତିନିଧିଙ୍କ ଦ୍ୱାରା ପ୍ରେରିତ କରି ନିୟନ୍ତ୍ରିତ ବଜାର କମିଟି କରଞ୍ଜିଆଙ୍କ କାର୍ଯ୍ୟାଳୟରୁ ଆବଶ୍ୟକ ଫି ଦାଖଲ କରି ଆବେଦନ ଫର୍ମ ପାଇପାରିବେ ।

୮.ଦରଖାସ୍ତ ଫର୍ମ ସହିତ ଆବେଦନକାରୀ ନିର୍ଦ୍ଧାରିତ ଅମାନତ ରାଶି ଟ.୫୦,୦୦୦/-(ପଚାଶ ହଜାର ) ଟଙ୍କା ଅଗ୍ରୀମ ଆକାରରେ ସମ୍ପାଦକ ନିୟନ୍ତ୍ରିତ ବଜାର କମିଟି, କରଞ୍ଜିଆ (Secretary, RMC, Karanjia) ସପକ୍ଷରେ ବ୍ୟାଙ୍କ ଡ୍ରାଫ୍ଟ (D.D.) / (Banker Cheque) ଆକାରରେ ଆବେଦନ ଫର୍ମ ସହିତ ଦାଖଲ କରିବେ ଏବଂ ନିର୍ଦ୍ଧାରିତ ଅଗ୍ରିମ ଅମାନତ ରାଶି ବିନା, ଦରଖାସ୍ତ ବିଚାର ଯୋଗ୍ୟ ନୁହେଁ ଏବଂ ଏହା ସୁଧ ବିହୀନ ଅଟେ । ଏଥି ସହିତ ଆବେଦନ ଫର୍ମ କ୍ରୟର ମୂଳ ରସିଦ (Original Money Receipt) ଦାଖଲ କରିବେ ।

୯.ପରିବାର ପ୍ରତି କେବଳ ଜଣେ ବ୍ୟକ୍ତି ଦରଖାସ୍ତ ଫର୍ମ ଆବେଦନ କରିପାରିବେ । ଗୋଟିଏ ପରିବାର (ସ୍ୱାମୀ , ସ୍ତ୍ରୀ , ଅବିବାହିତ ଝିଅ/ପୁଅ ) ମଧ୍ୟରୁ ଜଣେ ଆବେଦନ କରିପାରିବେ ,ଏକ ରୁ ଅଧିକ ଆବେଦନ କଲେ ପ୍ରଥମେ ପ୍ରାପ୍ତ ହୋଇଥିବା ଆବେଦନ ଫର୍ମକୁ ବୈଧ (Valid) ଧରାଯିବ ।

୧୦.ଯେଉଁ ଚାଷୀ, କୃଷିଜାତ ଦ୍ରବ୍ୟର ବ୍ୟବସାୟୀ ଓ **କୃଷିଭିତ୍ତିକ** ଦ୍ରବ୍ୟର ବ୍ୟବସାୟୀ ମାନଙ୍କୁ ଦୋକାନ ଘର ଗୁଡ଼ିକୁ **ଆବଣ୍ଟନ** କରାଯିବ ସେମାନେ, **ନିୟନ୍ତ୍ରିତ** ବଜାର କମିଟି, କରଞ୍ଜିଆର ନୀତି ଏବଂ ନିୟମ ମାନିବାକୁ ବାଧ ହେବେ ଏବଂ **ଯେଉଁ** ବ୍ୟବସାୟୀ ମାନଙ୍କୁ ଦୋକାନ ଗୃହ **ଆବଣ୍ଟନ** କରାଯିବ, ସେମାନେ ଏ ସମ୍ବନ୍ଧୀୟ ଏକ ଚୁକ୍ତିନାମା ସାତ ଦିନ ମଧ୍ୟରେ ନିୟନ୍ତ୍ରିତ ବଜାର କମିଟି କରଞ୍ଜିଆର **କର୍ତ୍ତୃପକ୍ଷ**ଙ୍କ ସହିତ ସ୍ୱାକ୍ଷର କରିବେ ।

Cont.....P/ 3 /

Scanned with OKEN Scanner

୧୧.ଉପର ବର୍ଣିତ ଦୋକାନ ଗୃହର ମାସିକ ଭଡା ଆବଣ୍ଟନ ତାରିଖର ତିନି ବର୍ଷ ପୂର୍ତ୍ତିରେ ନିୟନ୍ତ୍ରିତ ବଜାର କମିଟି କରଞ୍ଜିଆର ପରିଚାଳନା ପରିଷଦ ଦ୍ଵାରା ମାସିକ ଭଡାର ପୁନଃ ନିର୍ଦ୍ଧାରଣ କରାଯିବ ଉକ୍ତ ନିଷ୍ପତ୍ତିକୁ ହିତାଧିକାରୀମାନେ ମାନିବାକୁ ବାଧ ହେବେ

୧୨.ଆବଣ୍ଟନରେ ଦୋକାନ ଗୃହ ପାଇଥିବା ବ୍ୟକ୍ତି /ଅନୁଷ୍ଠାନ ଉକ୍ତ ଦୋକାନ ଗୃହକୁ ଗୋଦାମ ଭାବେ ବ୍ୟବହାର ନ କରି ଦୋକାନ ଖୋଲିବାକୁ ବାଧ ହେବେ ଏବଂ ଅନ୍ୟକୁ ଭଡା ସୂତ୍ରରେ ଦେଇପାରିବେ ନାହିଁ ।

୧୩.ଆବେଦନକାରୀଙ୍କୁ ନିଶ୍ଚିତ ଭାବେ ଦୋକାନ ଘର ଦେବାକୁ କର୍ତ୍ତୃପକ୍ଷ ବାଧ ନୁହନ୍ତି ଏବଂ ଏଥି ନିମନ୍ତେ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ଅଟେ ।

୧୪.ଆବେନକାରୀଙ୍କ ଦରଖାସ୍ତକୁ କର୍ତ୍ତୃପକ୍ଷ ଆବଶ୍ୟକସ୍ଥଳେ କୌଣସି କାରଣ ନ ଦର୍ଶାଇ ଖାରଜ କରି ପାରିବେ ।

୧୫.ଆବେଦନକାରୀମାନଙ୍କୁ ଜଣାଇ ଦିଆଯାଉ ଅଛି କି ବିଜ୍ଞପନର ବିଷଦ ବିବରଣୀ www.mayubhanj.nic.in ରେ ଉପଲବ୍ଧ ଏବଂ ଏହା ଧାର୍ଯ୍ୟ ତାରିଖ ଏବଂ ସମୟ ସୀମା ମଧରେ ପାଇପାରିବେ ।

ଦରଖାସ୍ତ ସହିତ ଦାଖଲ କରିବାକୁ ଥିବା ଆବଶ୍ୟକୀୟ କାଗଜ ପତ୍ର

୧. ଆବେଦନକାରୀଙ୍କ ପରିଚୟ ପତ୍ର (ଭୋଟ'ର ପରିଚୟ ପତ୍ର (Voter ID), ଆଧାର କାର୍ଡ, ଚାଷ ଜମିର ପଟ୍ଟା (ROR) /ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ କରିଥିବା ପଞ୍ଜିକୃତ ନମ୍ବରର ଅବିକଳ ନକଲ ।

୨. ଆବେଦନକାରୀଙ୍କ ୨(ଦୁଇ) ଗୋଟି Passport Photo ।

୩. ଆବେଦନକାରୀ ନିଜେ କିମ୍ବା ନିଜର ପରିବାର ସଦସ୍ୟଙ୍କ ନାମରେ ନିୟନ୍ତ୍ରିତ ବଜାର କମିଟି କରଞ୍ଜିଆ, ପାଞ୍ଚପୀଢ଼ ଉପଖଣ୍ଡ ଅନ୍ତର୍ଗତ ପଞ୍ଚାୟତ, ପଞ୍ଚାୟତ ସମିତି, ବିଜ୍ଞାପିତ ଅଞ୍ଚଳ ପରିଷଦ, ନିୟନ୍ତ୍ରିତ ବଜାର କମିଟି କରଞ୍ଜିଆଠାରୁ କୌଣସି ଦେକାନ ଗୃହ ଭଡ଼ା ସୂତ୍ରରେ ପାଇ ନ ଥିବାର ସତ୍ୟପାଠ ଯାହା Executive Magistrate ଙ୍କ ଠାରୁ ପ୍ରାପ୍ତ ହୋଇଥିବ, ତାହା ଦାଖଲ କରିବା ବାଧତାମୂଳକ ଅଟେ ।

୪. ଆବଶ୍ୟକ ସ୍ଥଳେ ବଂଶାନୁ କ୍ରମିକ (Genealogy)ଉତ୍ତରାଧିକାରୀ ଭାବେ ସତ୍ୟପାଠ (Affidavit) ଦାଖଲ କରିବେ ।

୫. ସ୍ୱୟଂ ସହାୟକ ଗୋଷ୍ଠିର ମହାସଂଘ ମାନେ NAC/Block ରୁ ପ୍ରାପ୍ତ ପଞ୍ଜୀକୃତ ପ୍ରମାଣ ପତ୍ର (Registration Certificate) / ନିୟନ୍ତ୍ରିତ ବଜାର କମିଟିରେ ପଞ୍ଜୀକୃତ ହୋଇଥିବା ବୈଧ(Valid) ବ୍ୟବସାୟୀ ମାନେ ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି କରଞ୍ଜିଆ ଠାରୁ ପ୍ରାପ୍ତ NOC ଦାଖଲ କରିବେ ।

୬. ନିର୍ଦ୍ଧାରିତ ଅଗ୍ରୀମ ଅମାନତ ରାଶିର (D.D.) / (Banker Cheque) ।

୭. ଦରଖାସ୍ତ ଫର୍ମ ଖର୍ଚ୍ଚର ମୂଳ ରସିଦ (Original Money Receipt) ।

ସ୍ୱାକ୍ଷର 25.3.23

ଉପଜିଲ୍ଲାପାଳ, ପାଞ୍ଚପୀଢ-ତଥା-

ଅଧକ୍ଷ, ନିୟନ୍ତ୍ରିତ ବଜାର କମିଟି, କରଞ୍ଜିଆ

Sub-Collector (P)-Cum
Chairman,R.M.C.,Karanjia

Cont.....P/4/

Scanned with OKEN Scanner

ପରିପତ୍ର ସଂଖ୍ୟା - ୧୮୦ ତା: ୨୮/୦୩/୨୦୨୩

ଏହାର ଦୁଇକିତା ନକଲ ସମ୍ପାଦକ , ନିୟନ୍ତ୍ରିତ ବଜାର କମିଟି , କରଞ୍ଜିଆଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ସମସ୍ତ ଚାଷୀ ଭାଇ ଓ ଭଉଣୀ /କୃଷିଜାତ ଦ୍ରବ୍ୟର ବ୍ୟବସାୟୀ / କୃଷିଭିତ୍ତିକ ଦ୍ରବ୍ୟର ବ୍ୟବସାୟୀ ଏବଂ ସର୍ବ ସାଧାରଣମାନଙ୍କ ଅବଗତି ନିମନ୍ତେ ପ୍ରକାଶ କରାଗଲା ।

ସମ୍ପାଦକ, ୨୮.୦୩.୨୦୨୩
ନିୟନ୍ତ୍ରିତ ବଜାର କମିଟି , କରଞ୍ଜିଆ
Secretary
R.M.C..Karanjia

ପରିପତ୍ର ସଂଖ୍ୟା ୧୮୧ ତା. ୨୮/୦୩/୨୦୨୩

ଏହାର ଏକକିତା ନକଲ DIO,NIC(ଜାତୀୟ ସୂଚନା କେନ୍ଦ୍ର )ମୟୂରଭଞ୍ଜଙ୍କୁ ପ୍ରେରଣା କରାଗଲା ଏବଂ ତାଙ୍କର website www.mayubhanj.nic.in ରେ ବିଜ୍ଞାପନକୁ ପ୍ରକାଶନ କରିବାକୁ ଅନୁରୋଧ କରାଗଲା

ସମ୍ପାଦକ, ୨୮.୦୩.୨୦୨୩
ନିୟନ୍ତ୍ରିତ ବଜାର କମିଟି , କରଞ୍ଜିଆ
Secretary
R.M.C..Karanjia

ପରିପତ୍ର ସଂଖ୍ୟା ୧୮୨ ତା. ୨୮/୦୩/୨୦୨୩

ଏହାର ଏକକିତା ନକଲ ସମ୍ପାଦକ , ନିୟନ୍ତ୍ରିତ ବଜାର କମିଟି , କରଞ୍ଜିଆଙ୍କ ଜରିଆରେ ନିମ୍ନ ସୂଚିତ ଅଧିକାରୀଙ୍କୁ ପଠାଯାଇ ସେମାନଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରକାଶନ କରିବାକୁ ଅନୁରୋଧ କରାଗଲା ।

୧. ପରିଚାଳନା ନିର୍ଦ୍ଦେଶକ,କରଞ୍ଜିଆ/ ପାଟବିଲ/ରରୁଆଁ/ ସୁକୃଳି/ ଯଶିପୁର/ପୋଡାଗଡ/ମହୁଲଡିହ । ଠାକୁରମୁଣ୍ଡ । ଲ୍ୟାମ୍ପସ ଲିଃ.
୨.କାର୍ଯ୍ୟନିର୍ବାହୀ ଅଧିକାରୀ , କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦ , କରଞ୍ଜିଆ
୩. ଗୋଷ୍ଠୀ ଉନ୍ନୟନ ଅଧିକାରୀ, କରଞ୍ଜିଆ/ ରରୁଆଁ/ ସୁକୃଳି/ ଯଶିପୁର/ ଠାକୁରମୁଣ୍ଡ । ପଞ୍ଚାୟତ ସମିତି
୪. ତହସିଲଦାର,କରଞ୍ଜିଆ/ ରରୁଆଁ/ ସୁକୃଳି/ ଯଶିପୁର/ ଠାକୁରମୁଣ୍ଡ ।
୫. ସହକାରୀ ନିବନ୍ଧକ ସମବାୟ ସମିତି ସମୂହ , କରଞ୍ଜିଆ ମଣ୍ଡଳ ,କରଞ୍ଜିଆ
୬. ଉପନିବନ୍ଧକ ସମବାୟ ସମିତି ସମୂହ , ବାରିପଦା ଖଣ୍ଡ , ବାରିପଦା
୭. ଉପଜିଲ୍ଲାପାଳ ପାଞ୍ଚପୀଢ଼, କରଞ୍ଜିଆ ଉପଖଣ୍ଡ
୮. ଜିଲ୍ଲାପାଳ,ମୟୂରଭଞ୍ଜ ଜିଲ୍ଲା
୯. ସାଧାରଣ ପ୍ରବନ୍ଧକ, ଓଡିଶା ରାଜ୍ୟ କୃଷି ବିପଣନ ପରିଷଦ, ଭୁବନେଶ୍ୱର
୧୦. ନିର୍ଦ୍ଦେଶକ କୃଷି ବିପଣନ, ଓଡିଶା , ଭୁବନେଶ୍ୱର
୧୧. ନିବନ୍ଧକ ସମବାୟ ସମିତି ସମୂହ , ଓଡିଶା,ଭୁବନେଶ୍ୱର

ସମ୍ପାଦକ, ୨୮.୦୩.୨୦୨୩
ନିୟନ୍ତ୍ରିତ ବଜାର କମିଟି , କରଞ୍ଜିଆ
Secretary
R.M.C..Karanjia

Scanned with OKEN Scanner